# Akashvani, Sambalpur

## SAMBALPURI NEWS EVENING BULLETIN

## 22 April 2026-7.02- 7.12 pm.

---

୧- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି଼ ଚାଲିଛେ ରାଜ୍ୟ କେବିନେଟ୍ ବୈଠକ୍ ।

୨- ଜନଗଣନା ଦାୟିତ୍ୱଥି଼ ଥି଼ବା ସର୍କାରୀ କର୍ମଚାରୀମାନ୍‌କର୍ ସୁରକ୍ଷା ଲାଗି ଅନାଯିବା ଖାସ୍ ମାର୍ଗଦର୍ଶିକା କହେଲେ ରାଜସ୍ୱ ମନ୍ତ୍ରୀ ।

୩- ଓଡ଼ିଶାର୍ ପର୍ଯ୍ୟଟନ୍‌କେ ସାରା ପୁର୍‌ଥି଼ ନ ପୁହୁଁଚାବାର୍ ସମିଆ ଆସିଛେ କହେଲେ ଉପମୁଖ୍ୟମନ୍ତ୍ରୀ ।

ଆଉର୍

୪- ଆଏବା ୩ ଦିନ୍‌ତକ୍ ୩ ଟା ଜିଲ୍ଲା ଲାଗି ହିଟ୍‌ୱେଭ୍ ସତର୍କ ସୂଚ୍‌ନା ଜାରି କଲା ପାଣିପାଗ୍ କେନ୍ଦ୍ର ।

ରାଜ୍ୟ କେବିନେଟ          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଲ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଚାଲିଥିବା ବୈଠକ୍‌ଥି ଉଚ୍ଚଶିକ୍ଷା, ପୂର୍ତ୍ତ, ପଂଚାୟତିରାଜ୍ ଆଉ ପାନୀୟ ଜଳ ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ୭ ନୁ ୮ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ହେଇକରି ନିଷ୍ପତି ନିଆଯିବାର୍ କାର୍ଯ୍ୟସୂଚୀ ରହିଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଜନଗଣନା          ଆର୍‌ଏନ୍‌ୟୁ/ କଟକ୍

ସାରା ଦେଶେ ଜନଗଣନା ୨୦୨୭ ର ପହେଲା ଖେପେ ଏବ୍‌ତକ୍ ୨୬ ଲାଖ୍ ନୁ ଅଏତ୍‌କା ପରିବାର୍ ସ୍ୱ-ଗଣନା ସୁବିଧାର୍ ସୁଫଲ୍ ପାଇଛନ୍ । ଭାରତ୍‌ର ରେଜିଷ୍ଟ୍ରାର୍ ଜେନେରଲ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ଜନଗଣନା ଅଧୀନ୍‌ଥି ଡିଜିଟାଲ୍ ମାଧ୍ୟମ୍‌କେ ବେଭାର୍ କରିକରି ନାଗରିକ୍ ମାନ୍‌କର୍ ଭାଗିଦାରୀକେ ଇଟା ଦର୍ଶଉଛେ । ଅନ୍‌ଲାଇନ୍ ଜରିଏ

ସେମାନ୍‌କର୍ ତଥ୍ୟ ପଞ୍ଜିକୃତ୍ ହେବାର୍‌ଟା ସରଲ୍ ହେଇପାରିଛେ । ଇ ମାସ ୧ ତାରିଖ୍‌ନୁ ସାରାଦେଶେ ଜନଗଣନାର୍ ପହେଲା ଖେପ୍ ମୁଲ୍ ହେଇଛେ । ଉତରାଖଣ୍ଡ୍, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ୍, ଅରୁଣାଚଲ୍‌ପ୍ରଦେଶ୍, ଚଣ୍ଡିଗଡ୍, ଛତିଶ୍‌ଗଡ୍, ହରିଆନା ଆଉ ବିହାର୍ ନ ଇହାଦେ ସ୍ୱ ଗଣନା ବ୍ୟବସ୍ଥା ଜାରି ରହିଛେ । ସେଆଡ଼େ ଗୋଆ, କର୍ଣ୍ଣାଟକ୍, ମିଜୋରାମ୍, ଓଡ଼ିଶା, ସିକିମ୍, ଆଣ୍ଡାମାନ୍ ଆଉ ନିକୋବର୍ ଦ୍ୱୀପପୁଞ୍ଜ, ଲାକ୍ଷାଦ୍ୱୀପ୍, ଦାଦ୍ରା ଆଉ ନଗର୍‌ହାବେଲି ଆଉ ଦମନ୍ ଆଉ ଡିଉ ଜାତୀୟ ରାଜ୍‌ଧାନୀ ମହାନଗର୍ ଇଲାକା କ୍ୟାଂଟନ୍‌ମେଂଟ୍ ଜାଗା ନ ଆବାସ୍ ତାଲିକା ତିଆରି ଆଉ ଗଣନା କାମ୍ ଜାରି ରହିଥିବାର୍ ବାବ୍‌ଦେ ରେଜିଷ୍ଟ୍ରାର୍ ଜେନେରଲ କହିଛନ୍ ।

ଜନଗଣନା- ସୁରେଶ୍ ପୂଜାରୀ ଆର୍‌ଏନ୍‌ୟୁ/ କଟକ୍

ଜନଗଣନା ଦାୟିତ୍ୱଥି ଥିବା ସର୍‌କାରୀ କର୍ମଚାରୀମାନ୍‌କର୍ ସୁରକ୍ଷା ଲାଗି ଖାସ୍ ମାର୍ଗଦର୍ଶିକା ଅନାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ରାଜସ୍ୱ

ଜନଗଣନା ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ଗଲା କିଛି ଦିନ୍ ଭିତ୍‌ରେ କାମ୍ କରୁଥିବା ଅବସ୍ଥାଥି ଜନଗଣନା ଅଧିକାରୀମାନ୍‌କର୍ ହୃଦ୍‌ଘାତ, ଅଂଶୁଘାତ୍ ଆଉ ଦୁର୍ଘଟଣାର୍ ଖବର୍ ସାମ୍ନାକେ ଆସିଛେ । ଏନ୍ତାକି ଜନଗଣନା ସମିଆଥି କିଛି ଅଧିକାରୀମାନ୍‌କର୍ ଉପ୍‌ରେ ଆକ୍ରମଣ୍ ଭିଲ୍ କରାଯାଇଛେ । ଇ ସବୁ ବିଷେକେ ନଜର୍‌ଥି ରଖିକରି କର୍ମଚାରୀମାନ୍‌କର୍ ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ବଢୁଥିବା ତାତିକେ ନଜର୍‌ଥି ରଖିକରି ଦିନର୍ ୧୧ ବଜେନୁ ଦ୍ୱିପହରର୍ ୩ ବଜେତକ୍ ଜନଗଣନା କାମ୍ ବନ୍ଦ୍ ରଖିବାର୍‌କେ ରାଜସ୍ୱ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସର୍‌କାରୀ କର୍ମଚାରୀ ଆଉ ଲୋକ୍‌ମାନ୍‌କର୍ ସୁରକ୍ଷା ସର୍‌କାର୍‌ଙ୍କର୍ ପହେଲା ଦାୟିତ୍ୱ ଆଏ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ଇ ମାସର୍ ୧୬ ତାରିଖିନୁ ଜନଗଣନା ମୁଲ୍ ହେଇଥିବାର୍ ବେଲେ ଇଟା ଆଏବା ମାସ ୧୫ ତାରିଖିତକ୍ ଚାଲ୍‌ବା ।

ମନ୍ କି ବାତ୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୩ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ମାଳବିକା ଦେବୀ         ନୂଆପଡ଼ା ସମ୍ବାଦଦାତା

କଳାହାଣ୍ଡି ଲୋକ୍‌ସଭା କ୍ଷେତ୍ର ନ ରେଲ୍ ପ୍ରକଳ୍ପର୍ ବିକାଶ୍ ସହେତେ ରେଲ୍ ସଂଯୋଗ୍ ଲାଗି ସାଂସଦ୍ ମାଳବିକା ଦେବୀ ନୂଆଦିଲ୍ଲୀ ଠାନେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍‌ଙ୍କୁ ଭେଟିଛନ୍ । ଇ ଅବ୍‌ସରେ ରେଲ୍‌ପ୍ରକଳ୍ପ ତିଆରି ସମ୍ପ୍ରସାରଣ୍ ଆଉ ଦ୍ରୁତଗାମୀ ଟ୍ରେନ୍‌ର ରହେବାର୍ ଦାବିକେ ନେଇକରି ସେ କେନ୍ଦ୍ରମନ୍ତ୍ରୀଙ୍କୁ ୨ ଟା ସ୍ମାରକ୍ ପତ୍ର ଦେଇଛନ୍ । ରାଏଜେ ୨୬ ଟା ଜିଲ୍ଲାକେ ରେଲ୍ ସଂଯୋଗ୍ ହେଇଥିବାର୍ ବେଲେ ଆଏବା ଦିନେ ୩୦ ଟା ଜିଲ୍ଲାକେ ରେଲ୍ ସଂଯୋଗ୍ କରାଯିବାର୍ ଲାଗି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । କଳାହାଣ୍ଡି ଜିଲ୍ଲାର୍ ୭ ଟା ବିଧାନ୍‌ସଭା କ୍ଷେତ୍ର ଭିତ୍‌ରୁ ନୂଆପଡ଼ାର୍ ଖଡ଼ିଆଲ୍‌କେ ରେଲ୍‌ପଥ୍ ସଂଯୋଗ୍ ନାଇଁ ହେଇ । ନୂଆପଡ଼ା ଜିଲ୍ଲା ଲାଗି ୨ ଟା ରେଲ୍ ପ୍ରକଳ୍ପ ଯୋଜ୍‌ନା ବାବ୍‌ଦେ ସାଂସଦ୍ ରେଲ୍‌ମନ୍ତ୍ରୀଙ୍କର୍ ଠାନେ ଦାବି ଉପସ୍ଥାପନ୍ କରିଛନ୍ ।

କୋଷ୍ଟାଲ୍ ମାରାଥନ୍-୨୦୨୬ ପୁରୀ ସମ୍ବାଦଦାତା

ପୁରୀ ଠାନେ ଆଏବା ଡିସେମ୍ବର୍ ୧୩ ତାରିଖ୍ ପୁରୀ କୋଷ୍ଟାଲ୍ ମାରାଥନ୍-୨୦୨୬ ର ଆୟୋଜନ୍ କରାଯିବା । ଓଡ଼ିଶା ପର୍ଯ୍ୟଟନ୍ ବିଭାଗ୍ ତରଫୁ ହେବାର୍କେ ଥିବା ଇ ମେଗା ମାରାଥନ୍ କାର୍ଯ୍ୟକ୍ରମ୍ ଲାଗି ଆଏଜ୍ ପୁରୀ ସମୁଦ୍ରଖଁଡ଼ି ନ ଇତାର୍ ଲୋଗୋ ଉନ୍ମୋଚନ୍ କରାଯାଇଛେ । ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ୍ ପଟ୍ଟନାୟକ୍ ବାଲୁକାକଳାଥି ଇ ଲୋଗୋ ତିଆର୍ କରିଥିବାର୍ ବେଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଇତାର୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ ଠାନେ ଖେଲାଲିମାନ୍‌କୁ ପତାକା ଦେଖେଇକରି ଅଭ୍ୟାସ୍ ମାରାଥନ୍‌କେ ଉପମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଓଡ଼ିଶାର୍ ପର୍ଯ୍ୟଟନ୍‌କେ ସାରା ପୁର୍‌ଥି ନ ପୁହୁଁଚାବାର୍ ସମିଆ ଆସିଛେ । ଭାରତ୍‌କେ ଆସୁଥିବା ଆଉ ଆସ୍‌ବାର୍ ଯୋଜ୍‌ନା କରୁଥିବା ପର୍ଯ୍ୟଟକ୍ ଓଡ଼ିଶାକେ ସେମାନ୍‌କର୍ ପହେଲା ପସନ୍ଦ୍ ଭାବେ ବାଛି ପାର୍‌ବେ । ପର୍ଯ୍ୟଟନ୍ କ୍ଷେତ୍ରର୍ ସବୁ ଆଡ଼ର୍ ବିକାଶ୍ ଲାଗି ବିଭାଗ୍ ପ୍ରତିଶ୍ରୁତିବଦ୍ଧ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ବିଧାୟକ୍  ଆଶ୍ରିତ୍ ପଟ୍ଟନାୟକ୍ ଆଉ ଓମ୍ ପ୍ରକାଶ୍ ମିଶ୍ର, ପର୍ଯ୍ୟଟନ୍ ବିଭାଗ୍‌ର କମିଶନର୍ ଆଉ ସଚିବ ବଲ୍‌ୱନ୍ତ

ସିଂ, ନିର୍ଦ୍ଦେଶକ୍ ଦୀପଙ୍କର୍ ମହାପାତ୍ର, ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଉପସ୍ଥିତ୍ ଥିଲେ ।

ଧରିତ୍ରୀ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

'ଆମର୍ ଗ୍ରହ-ଆମର୍ କ୍ଷମତା' ବାର୍ତା ନେଇକରି ପୁର୍ଥିର୍ ପରିବେଶ ସୁରକ୍ଷା ଆଉ ସଂରକ୍ଷଣ ଲାଗି ଆଏଜ୍ ଧରିତ୍ରୀ ଦିବସ୍ ପାଳନ୍ କରାଯାଉଛେ । ସୁନ୍ଦର ଭବିଷ୍ୟତ୍ ଆଉ ସୁସ୍ଥ ପୁର୍ଥି ଗଠନ୍ ଦିଗେ ଲୁକ୍କୁ ସଚେତନ୍ କର୍ବାର୍ ଉଦ୍ଦ୍ୟେଶ୍ଥି ୧୯୭୦ ମସିହା ଏପ୍ରିଲ ୨୨ ତାରିଖ୍ ଆମେରିକା ନ ପହେଲା କରି ଧରିତ୍ରୀ ଦିବସ୍ ପାଳନ୍ କରାଯାଇଥିଲା । ବିଶ୍ୱ ଧରିତ୍ରୀଦିବସ୍ ଅବ୍ସରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଦେଶ୍ବାସୀଙ୍କୁ ପୁର୍ଥିର୍ ରକ୍ଷା ଆଉ ସଂରକ୍ଷଣ୍ ଲାଗି ନିଜର୍ ପ୍ରତିବଦ୍ଧତାକେ ପୁରା କର୍ବାର୍କେ ପରାମର୍ଶ ଦେଇଛନ୍ । ଇତାର୍ସହେତେ ସ୍ଥାୟୀ ଜୀବନ୍ଶୈଳୀ ଅପ୍ନାବାର୍ ଆଉ ଜଳ୍ବାୟୁ ପରିବର୍ତନ୍ ଲାଗି ହେଉଥିବା ଅସୁବିଧାକେ ଦୂର୍ କର୍ବାର୍ ସହେତେ ଗୁଟେ ସବୁଜ ଆଉ ସ୍ୱଚ୍ଛ ଭବିଷ୍ୟତ୍ ଲାଗି ଏକ୍ଠାନିଆ ହେଇକରି କାମ୍ କର୍ବାର୍କେ ଉପରାଷ୍ଟ୍ରପତି କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଧରିତ୍ରୀ ଦିବସ୍ ଅବ୍‌ସରେ ପୁର୍‌ଥିକେ ମାତା ବଲି କହିକରି ତାର୍ ସୁରକ୍ଷା ମାନବ୍ ଜାତିର୍ କଲ୍ୟାଣ୍ ସହେତେ ଜଡ଼ିତ୍ ଜରୁରୀ କର୍ତବ୍ୟ ବଲି କହିଛନ୍ । ପୁର୍‌ଥିର୍ ସୁରକ୍ଷା ଆମର୍ ଦାୟିତ୍ୱ ଆଉ ଆଏବା ପିଢ଼ିର୍ ଲାଗି ଇଟା ଗୁଟେ ସଂକଳ୍ପର୍ ପ୍ରତୀକ୍ ବଲି ଶ୍ରୀ ମୋଦୀ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଦିବସ୍‌ର ଶୁଭେଚ୍ଛା ଜନେଇକରି ଗୁଟେ ସୁରକ୍ଷିତ୍ ଭବିଷ୍ୟତ୍ ଗଠନ୍ ଲାଗି ସଭେ ସଂକଳ୍ପବଦ୍ଧ ହେବାର୍ ଜରୁରୀ ଆଏ ବଲି କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବେଶ୍ ସୁରକ୍ଷା ଆଉ ପ୍ରକୃତି ସହେତେ ସନ୍ତୁଳିତ୍ ଜୀବନ୍ ଜୀଇଁବାର୍ ଲାଗି ବାର୍ତା ଦେଇଛନ୍ ।

ପୁଲିସ୍ ଷ୍ଟେସନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ନୂଆପଡ଼ା ପୁଲିସ୍ ଷ୍ଟେସନ୍ ନ ଶିଶୁ ବନ୍ଧୁତ୍ୱ ବ୍ୟବସ୍ଥାକେ ଆରକ୍ଷୀ ଅଧିକ୍ଷକ୍ ଅମ୍ରିତ୍ ପାଲ୍ ସିଂ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଅପରାଧୀମାନ୍‌କର୍ ଛୁଆ କି ଅପରାଧ୍‌ଥି ସାମିଲ୍ ଥିବା ଛୁଆମାନ୍‌କୁ ସୁରକ୍ଷା ଦେବାର୍

ସହେତେ ପୁଲିସ୍ ଷ୍ଟେସନ୍ ଭିତ୍ରେ ଭାଇଚାରା ପରିବେଶ୍ ଦର୍କାରୀ ଉପକରଣ୍ ଯୁଗାବାର୍ ଆଉ ଆଇନ୍‌ଗତ ସାହାଜ୍ ଦେବାର୍ ଲାଗି ବ୍ୟବସ୍ଥା କରାଯାଇଛେ ।

ଆଇଆଇଏମ୍‌ସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଢେଙ୍କାନାଲ୍‌ର ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ୨୦୨୬-୨୭ ଶିକ୍ଷା ବଛରେ ଓଡ଼ିଆ ସ୍ନାତକୋତର୍ ଡିପ୍ଲୋମାଥି ନାଁଲେଖାବାର୍ ଲାଗି ଆବେଦନ୍ ପ୍ରକ୍ରିୟା ମୁଲ୍ ହେଇଛେ । ଇଚ୍ଛୁକ୍ ଛାତ୍ରଛାତ୍ରୀ ଅନ୍‌ଲାଇନ୍ ଆଉ ଅଫ୍‌ଲାଇନ୍ ଜରିଏ ଆଏବା ୩୦ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ ନୁ କେନ୍‌ସି ବିଷେଥି ସ୍ନାତକ ସାରିଥିବା ୨୫ ବଛର୍‌ନୁ କମ୍ ବୟସର୍ ଛାତ୍ରଛାତ୍ରୀ ଇ ପାଠ୍ୟକ୍ରମ୍ ଲାଗି ଆବେଦନ୍ କରିପାର୍‌ବେ ।

ପୋଷଣ୍ ପକ୍ଷ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ତରଫ୍ରୁ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ନ ଜିଲ୍ଲାସ୍ତରୀୟ ୮ ନମ୍ବର୍ ପୋଷଣ୍ ପକ୍ଷ ପାଳିତ୍ ହେଇଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ପୁଷ୍ଟିକର୍ ଖାଏବାର୍ ଦରବ୍‌ର ଭିଲ୍ ପ୍ରଦର୍ଶନୀ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଜବର୍ ଖରା ହେଉଛେ । ଆଏବା ୩ ଦିନ୍‌ତକ୍ ଦିନ୍ ତକ୍ ବଲାଙ୍ଗିର୍, ଝାର୍‌ସୁଗୁଡ଼ା ଆଉ ଅନୁଗୁଳ୍ ଜିଲ୍ଲାକେ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ ହିଟ୍‌ୱେଭ୍ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ଦିନର୍ ସବୁନୁ ଜହ ତାପମାତ୍ରା ଝାର୍‌ସୁଗୁଡ଼ା ଠାନେ ୪୪ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍

କରାଯାଇଥିବାର୍ ବେଲେ ୨୫ ଟା ସହରର୍ ତାପମାତ୍ରା ଆଏଜ୍ ୪୦ ଡିଗ୍ରୀ ଉପ୍ରେ ରେକର୍ଡ୍ କରାଯାଇଥିଲା ।

ସୁନ୍ଦର୍‌ଗଡ୍ ଜିଲ୍ଲା ନ ଜିଲ୍ଲାପାଲ୍‌ଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଆଏବା କାଏଲ୍‌ଠାନୁ ୨୭ ତାରିଖ୍‌ତକ୍ ସବୁ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଛୁଟି ଘୋଷ୍‌ନା କରାଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲା ନ ସ୍କୁଲ୍ ଛୁଟି ସମିଆକେ ୨୭ ତାରିଖ୍‌ତକ୍ ବଢ଼ାଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ସ୍କୁଲ୍ ଛୁଟିକେ ୨୫ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ଟେଙ୍କର୍ ସେବା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ୍ ଅଂଚଲ୍ ପରିଷଦ୍ ତର୍‌ଫୁ ସଫା ପିଇବାର୍ ପାଏନ୍ ଯୁଗାବାର୍ ଲାଗି ଟେଙ୍କର୍ ସେବାର ଶୁଭାରମ୍ଭ କରାଯାଇଛେ । ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ଇତାର୍ ଶୁଭାରମ୍ଭ କରିଛନ୍ ।